# ସତ୍ୟପ୍ରକାଶ

JULY & AUGUST
2006




Greet one another with a holy kiss" II Cor 13 : 12

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH

Edited & Published By
Joshua & Kabita Gootam

## CHURCH OF CHRIST

P.O.Box.No 80, Kakinada
A.P. - 533 001.
Ph : 0884 - 2363722

**VOL.11. JULY & AUGUST.2006 (NO.4)**

Published every two months in Oriya Language for the Restoration of pure New Testament Christianity

Watch SATYA VANI on TEJA Channel Every Saturday and every Tuesday on MAA TV at 6:30 a.m. and every Thursday on VISSA TV at 7:00 a.m. in Telugu Language.

**Speakers : Joshua Gootam & Ricky Gootam**

---

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box. 80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XI KAKINADA JUL-AUG

## ପାପ ଠାରୁ ବିମୁକ୍ତି

## (Deliverance from Sin)

ଇଶ୍ରାଏଲୀୟମାନଙ୍କୁ ମିସର ଦେଶର ଦାସତ୍ୱ ଠାରୁ ମୁକ୍ତ କରିବା ନିମନ୍ତେ, ସଦାପ୍ରଭୁ ମୋଶାଙ୍କୁ ନେତା ରୂପେ ମନୋନୀତ କରିଥିଲେ । ସେମାନେ ତାହାଙ୍କ ଠାରେ ବିଶ୍ୱାସ କରି ମନ ପରିବର୍ତ୍ତନ କରିଥିଲେ ଏବଂ ମେଘ ଦ୍ୱାରା ଓ ସମୁଦ୍ର ଦ୍ୱାରା ବାପ୍ତିଜିତ ହୋଇଥିଲେ । ସଦାପ୍ରଭୁଙ୍କ ହସ୍ତ ମିସରୀୟ ସୈନକୁ ବିନାଶ କରିବା ଓ ସେମାନଙ୍କୁ ରକ୍ଷା କରିବା ସେମାନେ ଜ୍ଞାତ ହୋଇ ତାହାଙ୍କ ସ୍ତୁତିଗାନ କରିଥିଲେ । ଆଜି ମନୁଷ୍ୟ ପାପ ଦାସତ୍ୱରୁ ମୁକ୍ତ ହେବା ନିମନ୍ତେ ସଦାପ୍ରଭୁ ଆପଣା ପ୍ରିୟପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ଏହି ଜଗତକୁ ପ୍ରେରଣ କରିଅଛନ୍ତି । ତାହାଙ୍କ ଠାରେ ବିଶ୍ୱାସ କରି, ମନ ପରିବର୍ତ୍ତନ କରି ବାପ୍ତିଜିତ ହେଲେ, ପ୍ରଭୁ ସେମାନଙ୍କୁ ଆପଣା ମଣ୍ଡଳୀରେ ଯୋଗ କରିବେ ।

ଇଶ୍ରାଏଲୀୟମାନେ ମିସର ତ୍ୟାଗ କରି କିଣାନ ଦେଶକୁ ଯାତ୍ରା କରିବା ସମୟରେ ସଦାପ୍ରଭୁ ସେମାନଙ୍କୁ ଆଶ୍ଚର୍ଯ୍ୟଭାବେ କଢ଼ାଇ ନେଇଥିଲେ । "ସେମାନେ ଯେପରି ଦିବସରେ ଓ ରାତ୍ରୀରେ ଯାତ୍ରା କରିପାରିବେ, ଏଥିପାଇଁ ସଦାପ୍ରଭୁ ଦିବସରେ ପଥ କଢ଼ାଇବା ନିମନ୍ତେ ମେଘସ୍ତମ୍ଭ ଓ ରାତ୍ରୀରେ ଦୀପ୍ତିଦେବା ନିମନ୍ତେ ଅଗ୍ନିସ୍ତମ୍ଭରେ ଥାଇ ସେମାନଙ୍କ ଆଗେ ଆଗେ ବିଜେ କଲେ । ସେ ଲୋକମାନଙ୍କ ସମ୍ମୁଖରୁ ଦିବସରେ ମେଘସ୍ତମ୍ଭ ଓ ରାତ୍ରୀରେ ଅଗ୍ନିସ୍ତମ୍ଭ ସ୍ଥାନାନ୍ତର କଲେ ନାହିଁ ।" (ଯାତ୍ରା ୧୩:୨୧,୨୨)

ଆଜି ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ମାର୍ଗଦର୍ଶକ ଅଟନ୍ତି । "ସେତେବେଳେ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ଆପଣା କ୍ରୁଶ ଘେନି ମୋହର

ଅନୁଗମନ କରୁ ।'' (ମାଥିଉ ୧୬:୨୪, ମାର୍କ ୮:୩୪, ଲୂକ ୯:୨୩)

''ଯୀଶୁ ପୁନର୍ବାର ଲୋକମାନଙ୍କୁ ଶିକ୍ଷା ଦେଇ କହିଲେ, ମୁଁ ଜଗତର ଜ୍ୟୋତି, ଯେ ମୋହର ଅନୁଗମନ କରେ, ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ । ବରଂ ଜୀବନର ଜ୍ୟୋତି ପାଇବ ।'' (ଯୋହନ ୮:୧୨) ପ୍ରେରିତ ପିତର କହନ୍ତି, ''ଏଥି ନିମନ୍ତେ ହିଁ ତୁମ୍ଭେମାନେ ଆହୂତ ହୋଇଅଛ, କାରଣ ତୁମ୍ଭେମାନେ ଯେପରି ଖ୍ରୀଷ୍ଟଙ୍କର ପଦଚିହ୍ନ ଦେଇ ଗମନ କର, ସେଥିପାଇଁ ସେ ମଧ୍ୟ ତୁମ୍ଭମାନଙ୍କ ନିମନ୍ତେ ଦୁଃଖଭୋଗ କରି ତୁମ୍ଭମାନଙ୍କୁ ଗୋଟିଏ ଆଦର୍ଶ ଦେଖାଇ ଦେଇଅଛନ୍ତି । (୧ମ ପିତର ୨:୨୧) ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇ ତାହାଙ୍କର ଅନୁସରଣ କରୁ । ଯୀଶୁଖ୍ରୀଷ୍ଟ ଆପଣା ଜୀବନର ଆଦର୍ଶ ସଙ୍ଗେ ସଙ୍ଗେ ତାହାଙ୍କ ବ୍ୟକ୍ତ ଓ ଲିଖିତ ବାକ୍ୟ ଦ୍ୱାରା ଆମ୍ଭମାନଙ୍କୁ ଏ ଜୀବନ ପଥରେ କଢ଼ାଇ ନେଉଅଛନ୍ତି । ଦାଉଦ କହନ୍ତି, ''ତୁମ୍ଭ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ ଓ ମୋ ପଦ ପାଇଁ ଆଲୁଅ ଅଟେ ।'' (ଗୀତ ୧୧୯:୧୦୫) ଆସ, ଆମ୍ଭେମାନେ ତାହାଙ୍କୁ ସତ ହୃଦୟରେ ଅନୁସରଣ କରୁ ।

ସମ୍ପୂର୍ଣ୍ଣ ବିଶ୍ୱାସ ବିନା ଆମ୍ଭେମାନେ ତାହାଙ୍କ ଅନୁସରଣ କରିପାରିବା ନାହିଁ । ଅନେକ କିଛି ବିଷୟ ବାକ୍ୟ ଓ କିଛି ବିଷୟ ମନୁଷ୍ୟର ସିଦ୍ଧାନ୍ତ ଅନୁସରଣ କରନ୍ତି । ସେମାନଙ୍କ ବିଷୟରେ ଯୀଶୁ କହନ୍ତି,''ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକୁ ଧର୍ମର ଉପଦେଶବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଆରାଧନା କରନ୍ତି ।'' (ମାଥିଉ ୧୫:୯) । ଆମ୍ଭେମାନେ ସମ୍ପୂର୍ଣ୍ଣଭାବେ ତାହାଙ୍କ ଅନୁଗତ ହେବାର ଅର୍ଥ, ମନୁଷ୍ୟର ଧର୍ମବିଧି ପରିତ୍ୟାଗ କରି ପରମେଶ୍ୱରଙ୍କ ବାକ୍ୟର ଅନୁସରଣ କରିବା ।

ଇଶ୍ରାଏଲୀୟମାନେ ପ୍ରାନ୍ତରରେ ଯାତ୍ରା କରିବା ସମୟରେ ସଦାପ୍ରଭୁ ଆଶ୍ଚର୍ଯ୍ୟଭାବେ ସେମାନଙ୍କୁ ଆହାର ଯୋଗାଇଥିଲେ । ''ଅନନ୍ତର ସନ୍ଧ୍ୟାକାଳରେ ଭାଟୁଇ ପକ୍ଷୀଗଣ ଆସି ଛାଉଣୀ ସ୍ଥାନ ଆଚ୍ଛାଦନ କଲେ, ପୁଣି ପ୍ରାତଃକାଳରେ ଛାଉଣୀ ସ୍ଥାନର ଚାରିଆଡ଼େ କାକର ପଡ଼ିଲା । ଏ ଉତ୍ତାରେ ପତିତ କାକର ଉର୍ଦ୍ଧ୍ୱଗତ ହେଲାରୁ ଭୂମିସ୍ଥିତ କାକର ପରି ଗୋଲାକାର କ୍ଷୁଦ୍ର ଦ୍ରବ୍ୟ ପ୍ରାନ୍ତର ଉପରେ ପଡ଼ି ରହିଲା । ଆଉ ଇଶ୍ରାଏଲ ସନ୍ତାନଗଣ ତାହା ଦେଖି ପରସ୍ପର କହିଲେ, ଏ କଅଣ (ମାନହୁ ?) ଯେହେତୁ ତାହା କଅଣ, ସେମାନେ ଜାଣିଲେ ନାହିଁ । ତହିଁରେ ମୋଶା କହିଲେ, ଏହା ତୁମ୍ଭମାନଙ୍କ ଭୋଜନ ନିମନ୍ତେ ସଦାପ୍ରଭୁଙ୍କ ଦତ୍ତ ଅନ୍ନ । ଏ ବିଷୟରେ ସଦାପ୍ରଭୁ ଆଜ୍ଞା ଦେଇଅଛନ୍ତି, ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ଭୋଜନ ଶକ୍ତି ବୁଝି ତାହା ସଂଗ୍ରହ

କର, ତୁମ୍ଭମାନଙ୍କ ପ୍ରତ୍ୟେକ ଜଣ ଆପଣା ଆପଣା ତମ୍ବୁସ୍ଥିତ ପ୍ରାଣୀମାନଙ୍କ ସଂଖ୍ୟାନୁସାରେ ଏକ ଏକ ଜଣ ପାଇଁ ଏକ ଏକ ଓମର ପରିମାଣରେ ତାହା ସଂଗ୍ରହ କର... ପୁଣି ଇଶ୍ରାଏଲ ବଂଶ ସେହି ଖାଦ୍ୟକୁ ନାମ ମାନ୍ନା ଦେଲେ, ତାହା ଧନିଆ ପରି ଶୁକ୍ଳବର୍ଣ୍ଣ ଓ ତାହାର ଆସ୍ୱାଦ ମଧୁମିଶ୍ରିତ ପିଷ୍ଟକ ତୁଲ୍ୟ ଥିଲା ।'' (ଯାତ୍ରା ୧୬:୧୩-୧୬ ଓ ୩୧ ପଦ)

ଇଶ୍ରାଏଲୀୟମାନେ ପ୍ରାନ୍ତରରେ ମାନ୍ନାର ସଦୃଶ୍ୟରେ ଏବେ ଆମ୍ଭେମାନେ କେଉଁ ଆହାର ଭୋଜନ କରୁଅଛୁ ? ଯୀଶୁ ସେହି ସମୟରେ ଯିହୁଦୀମାନଙ୍କୁ କହିଲେ, ''......ମୋଶା ତୁମ୍ଭମାନଙ୍କୁ ସ୍ୱର୍ଗରୁ ଆହାର ଦେଇ ନାହାନ୍ତି, କିନ୍ତୁ ମୋହର ପିତା ତୁମ୍ଭମାନଙ୍କୁ ସ୍ୱର୍ଗରୁ ପ୍ରକୃତ ଆହାର ଦିଅନ୍ତି, କାରଣ ଯେଉଁ ଆହାର ସ୍ୱର୍ଗରୁ ଅବତରଣ କରି ଜଗତକୁ ଜୀବନ ପ୍ରଦାନ କରେ, ତାହା ଈଶ୍ୱରଦତ୍ତ ଆହାର । ସେମାନେ ତାହାଙ୍କୁ କହିଲେ, ପ୍ରଭୋ, ସବୁବେଳେ ଆମ୍ଭମାନଙ୍କୁ ଏହି ଆହାର ଦିଅନ୍ତୁ । ସେଥିରେ ଯୀଶୁ ସେମାନଙ୍କୁ କହିଲେ, ମୁଁ ସେହି ଜୀବନଦାୟକ ଆହାର, ଯେ ମୋ ନିକଟକୁ ଆସେ, ସେ କଦାପି କ୍ଷୁଧିତ ହେବ ନାହିଁ, ଆଉ ଯେ ମୋ ଠାରେ ବିଶ୍ୱାସ କରେ, ସେ କଦାପି ତୃଷିତ ହେବ ନାହିଁ ।'' (ଯୋହନ ୬:୩୨-୩୫) ''ତୁମ୍ଭମାନଙ୍କ ପିତୃପୁରୁଷ ପ୍ରାନ୍ତରରେ ମାନ୍ନା ଭୋଜନ କରି ମୃତ୍ୟୁଭୋଗ କଲେ । କେହି ଯେପରି ଭୋଜନ କରି ମୃତ୍ୟୁଭୋଗ ନକରେ ଏଥି ନିମନ୍ତେ ସ୍ୱର୍ଗରୁ ଅବତରଣ କରିବା ଆହାର ଏହି ଅଟେ । ମୁଁ ସ୍ୱର୍ଗରୁ ଅବତୀର୍ଣ୍ଣ ସେହି ଜୀବନ୍ତ ଆହାର, କେହି ଯଦି ଏହି ଆହାର ଭୋଜନ କରେ ସେ ଅନନ୍ତକାଳ ପର୍ଯ୍ୟନ୍ତ ଜୀବିତ ରହିବ, ହଁ, ମୁଁ ଯେଉଁ ଆହାର ଦେବି, ତାହା ମୋର ମାଂସ, ମୁଁ ତାହା ଜଗତର ଜୀବନ ନିମନ୍ତେ ଦେବି ।'' (ଯୋହନ ୬:୪୯-୫୧)

ସେମାନେ ସେମାନଙ୍କ ଅନୁବର୍ତ୍ତୀ ପରମାର୍ଥିକ ଶୈଳରୁ ପାନ କରୁଥିଲେ, ଆଉ ସେହି ଶୈଳ ଖ୍ରୀଷ୍ଟ ବୋଲି ପାଉଲ ୧ମ କରିନ୍ଥୀ ୧୦:୪ ପଦରେ ଲେଖନ୍ତି, ''.........ମନୁଷ୍ୟ ପୁତ୍ରଙ୍କର ମାଂସ ଭୋଜନ ନକଲେ ଓ ତାହାଙ୍କ ରକ୍ତ ପାନ ନକଲେ ତୁମ୍ଭମାନଙ୍କ ଠାରେ ଜୀବନ ନାହିଁ । ଯେ ମୋହର ମାଂସ ଭୋଜନ କରେ ଓ ମୋହର ରକ୍ତ ପାନ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୁଏ, ଆଉ ମୁଁ ଶେଷଦିନରେ ତାହାକୁ ଉତ୍‌ଥାପନ କରିବି, କାରଣ ମୋହର ମାଂସ ପ୍ରକୃତ ଖାଦ୍ୟ ଓ ମୋହର ରକ୍ତ ପ୍ରକୃତ ପେୟ ।'' (ଯୋହନ ୬:୫୩-୫୫) । ତାହାଙ୍କ ଶରୀରର ମାଂସ ଓ ରକ୍ତ ଆମେ ଗ୍ରହଣ କରୁ ବୋଲି ଏହାର ଅର୍ଥ ନୁହେଁ । କିନ୍ତୁ ତାହାଙ୍କ ଇଚ୍ଛାପାଳନ କରିବା ଦ୍ୱାରା

ତାହାଙ୍କ ଶରୀରର ମାଂସ ଓ ରକ୍ତର ଶକ୍ତି ଆମେ ପାଇପାରିବା । ତେଣୁକରି ପିତର କହନ୍ତି, "ନବଜାତ ଶିଶୁତୁଲ୍ୟ ପାରମାର୍ଥିକ ଅମିଶ୍ରିତ ଦୁଗ୍ଧ ପାନ କରିବାକୁ ଇଚ୍ଛା କର, ଯେପରି ତଦ୍ୱାରା ପରିତ୍ରାଣାର୍ଥେ ବୃଦ୍ଧି ପାଇପାର ।" (୧ମ ପିତର ୨:୩) ବିନା ଆତ୍ମିକ ଆହାରରେ ଆତ୍ମିକ ଜୀବନ ବୃଦ୍ଧି ପାଇପାରିବ ନାହିଁ । ଆତ୍ମିକ ଆହାର ଓ ପାନ ବିନୁ ଅନେକ ଆତ୍ମା ବିନଷ୍ଟ ହୋଇ ଯାଉଅଛି । ଅନେକେ ଖ୍ରୀଷ୍ଟିୟାନ ନାମଧାରୀମାନେ ଆତ୍ମିକ ଜୀବନରେ ବୃଦ୍ଧି ନପାଇ ବିନଷ୍ଟ ହେଉଅଛନ୍ତି ।

ଇଶ୍ରାଏଲୀୟମାନେ ପ୍ରାନ୍ତରରେ ଯାତ୍ରା କରିବା ସମୟରେ ଆପଣା ସ୍ୱଜ୍ଞାନ ଦ୍ୱାରା ଆଚରଣ କରିନଥିଲେ ବରଂ ସଦାପ୍ରଭୁ ସେମାନଙ୍କୁ ମୋଶାଙ୍କ ଦ୍ୱାରା ଶିକ୍ଷାଦେଇ କଢ଼ାଇ ନେଉଥିଲେ । ଦିନରେ ମେଘସ୍ତମ୍ଭ ଓ ରାତ୍ରୀରେ ଅଗ୍ନିସ୍ତମ୍ଭ ସେମାନଙ୍କ ପଥଦର୍ଶକ ଥିଲା । ଇଶ୍ରାଏଲମାନେ ପରମେଶ୍ୱରଙ୍କ ଠାରେ ଭରସା ରଖି ଆପଣା ପଥରେ ଅଗ୍ରଗାମୀ ହୋଇଥିଲେ ।

ଖ୍ରୀଷ୍ଟିୟ ଯାତ୍ରା ବିଶ୍ୱାସର ଯାତ୍ରା । ମନୁଷ୍ୟର ଗତି ତାହାର ଆୟତ୍ତରେ ନାହିଁ ବୋଲି ବାକ୍ୟରୁ ଜାଣିପାରୁ । (ଯିରିମିୟ ୧୦:୨୩) ପରମେଶ୍ୱରଙ୍କ ନିର୍ଦ୍ଦେଶନା ନଥିଲେ, କେହି ତାହାଙ୍କ ମାର୍ଗ, ପରିତ୍ରାଣର ଜୀବନର ସନ୍ଧାନ ପାଇପାରିବ ନାହିଁ । ପରମେଶ୍ୱରଙ୍କ ଠାରେ ଭରସା ରଖି, ତାହାଙ୍କ ଆଜ୍ଞାବହ ଜୀବନଯାପନ ହିଁ ଆମ୍ଭମାନଙ୍କ ନିମନ୍ତେ ଶ୍ରେୟସ୍କର । ଅବିଶ୍ୱାସ ଓ ଅନାଜ୍ଞାବହତା ଯୋଗୁଁ ଅନେକେ ଇଶ୍ରାଏଲୀୟମାନେ ବିନଷ୍ଟ ହୋଇଥିଲେ, ଆମ୍ଭେମାନେ ସେପରି ବିନଷ୍ଟ ନହେବା ନିମନ୍ତେ ଆପଣା ଆପଣା ବିଷୟରେ ଜାଗ୍ରତ ହେଉ । (ଏବ୍ରୀ ୪:୧୧)

ପରମେଶ୍ୱରଙ୍କ ବାକ୍ୟ ଅତିକ୍ରମ କରି, ମନୁଷ୍ୟର ଧର୍ମବିଧି ଅବଲମ୍ବନ କରିବା ସେମାନଙ୍କ ଅବିଶ୍ୱାସତାର ପ୍ରମାଣ । ସେମାନଙ୍କ ଅବିଶ୍ୱାସ ହେତୁ ମଣ୍ଡଳୀ ବିଭିନ୍ନ ଭାବେ ବିଭକ୍ତ ହୋଇଅଛି । ଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀ ତାହାଙ୍କ ଦ୍ୱାରା ଯୋଜିତ ଓ ସଂକଳ୍ପିତ । ଖ୍ରୀଷ୍ଟିୟ ମତଶାଖାଗୁଡ଼ିକ ତାହାଙ୍କ ସଂକଳ୍ପରେ ନାହିଁ । ଯୀଶୁ କହିଲେ, "....ମୋହର ସ୍ୱର୍ଗସ୍ଥ ପିତା ଯେଉଁସବୁ ବୃକ୍ଷ ରୋପଣ କରିନାହାନ୍ତି, ସେସବୁ ଉତ୍ପାଟିତ ହେବ ।" (ମାଥିଉ ୧୫:୧୩)

ଇଶ୍ରାଏଲୀୟମାନଙ୍କ ମଧ୍ୟରୁ ଅଧିକାଂଶ ଠାରେ ଈଶ୍ୱରଙ୍କ ସନ୍ତୋଷ ନଥିଲା । ତେଣୁ ସେମାନେ ପ୍ରାନ୍ତରରେ ମଲେ......" (୧ମ କରିନ୍ଥୀ ୧୦:୫) "ଆମ୍ଭ ବିରୁଦ୍ଧରେ ବଚସା କରୁଅଛି, ଏହି ଯେଉଁ ଦୁଷ୍ଟ ମଣ୍ଡଳୀ, ତାହାଙ୍କୁ ଆମ୍ଭେ କେତେକାଳ ସହିବା ?

ଇଶ୍ରାଏଲ ସନ୍ତାନଗଣ ଆମ୍ଭ ପ୍ରତିକୂଳରେ ଯେଉଁ ବଚସା କରିଅଛନ୍ତି, ତାହା ଶୁଣିଲୁ । ସେମାନଙ୍କୁ କୁହ, ସଦାପ୍ରଭୁ ଏହି କଥା କହନ୍ତି, ଆମ୍ଭେ ଯେବେ ଜୀବନ୍ତ ହେଉ, ତେବେ ତୁମ୍ଭେମାନେ ଆମ୍ଭ କର୍ଣ୍ଣଗୋଚର ଯାହା କହିଅଛି, ତାହା ହିଁ ଆମ୍ଭେ ତୁମ୍ଭମାନଙ୍କ ପ୍ରତି କରିବା । ତୁମ୍ଭମାନଙ୍କର ଶବ ଏହି ପ୍ରାନ୍ତରରେ ପଡ଼ିବ, ତୁମ୍ଭମାନଙ୍କ ମଧ୍ୟରେ କୋଡ଼ିଏ ବର୍ଷ ଓ ତହିଁରୁ ଅଧିକ ବର୍ଷ ବୟସ୍କର ଲୋକମାନଙ୍କର ସମ୍ପୂର୍ଣ୍ଣ ସଂଖ୍ୟାନୁସାରେ ଗଣିତ ଯେତେଲୋକ, ତୁମ୍ଭେମାନେ ଆମ୍ଭ ବିରୁଦ୍ଧରେ ବଚସା କରିଅଛି, ଆମ୍ଭେ ତୁମ୍ଭମାନଙ୍କୁ ଯେଉଁ ଦେଶରେ ବାସ କରାଇବାକୁ ହସ୍ତ ଉଠାଇଅଛୁ, ନିଶ୍ଚୟ ସେହି ଦେଶରେ ଯିଫୁନ୍ନିର ପୁତ୍ର କାଲେବ୍ ଓ ନୂନର ପୁତ୍ର ଯିହୋଶୂୟ ଛଡ଼ା ତୁମ୍ଭେମାନେ ପ୍ରବେଶ କରିବ ନାହିଁ । ମାତ୍ର ତୁମ୍ଭେମାନେ ଆପଣା ଆପଣାର ଯେଉଁ ବାଳକଗଣ ବିଷୟରେ ସେମାନେ ଲୁଟିତ ହେବେ ବୋଲି କହିଥିଲ, ସେମାନଙ୍କୁ ସେହି ସ୍ଥାନକୁ ଆଣିବା ଓ ତୁମ୍ଭେମାନେ ଯେଉଁ ଦେଶକୁ ତୁଚ୍ଛଜ୍ଞାନ କରିଅଛ ସେମାନେ ତହିଁର ପରିଚୟ ପାଇବେ ।'' (ଗଣନା ୧୪:୨୬-୩୧)

''ସେମାନେ ଯେ ପ୍ରକାରେ ମନ୍ଦ ବିଷୟରେ ଅଭିଳାଷୀ ହୋଇଥିଲେ, ଆମ୍ଭେମାନେ ଯେପରି ସେ ପ୍ରକାର ଅଭିଳାଷୀ ନହେଉ, ଏଥି ନିମନ୍ତେ ଏହି ସମସ୍ତ ବିଷୟ ଆମ୍ଭମାନଙ୍କ ପକ୍ଷରେ ଦୃଷ୍ଟାନ୍ତ ସ୍ୱରୂପ ହୋଇଅଛି । ....ଏହି ସମସ୍ତ ଦୃଷ୍ଟାନ୍ତ ସ୍ୱରୂପ ସେମାନଙ୍କ ପ୍ରତି ଘଟିଲା, ଆଉ ଯେଉଁମାନଙ୍କ ସମୟରେ ଯୁଗାନ୍ତକାଳ ଉପସ୍ଥିତ ହୋଇଅଛି, ଏପରି ଯେ ଆମ୍ଭେମାନେ, ଆମ୍ଭମାନଙ୍କ ଚେତନା ନିମନ୍ତେ ସେହିସବୁ ଲେଖାଯାଇଅଛି । ଏଣୁ ଯେ ଆପଣାକୁ ସ୍ଥିର ବୋଲି ମନେ କରେ, ସେ ଯେପରି ପତିତ ନହୁଏ, ଏଥି ନିମନ୍ତେ ସେ ସାବଧାନ ହେଉ ।'' (୧ମ କରିନ୍ଥୀ ୧୦:୬, ୧୧,୧୨)

ଇଶ୍ରାଏଲୀୟମାନଙ୍କୁ କିଣାନ ଦେଶରେ ପ୍ରବେଶ କରିବା ପୂର୍ବେ ସୁଫ ସମୁଦ୍ର ପାର ହେବାକୁ ପଡ଼ିଥିଲା । ସୁଫ ସମୁଦ୍ର ସେମାନଙ୍କୁ ସଦାପ୍ରଭୁ ଆଶ୍ଚର୍ଯ୍ୟଭାବେ ପାର କରିବା ସଦୃଶ୍ୟ ଯର୍ଦ୍ଦନ ନଦୀ ପାର ହେବାରେ ସାହାଯ୍ୟ କରିଥିଲେ, (ଯିହୋଶୂୟ ୩ୟ ଅଧ୍ୟାୟ)

ଯୀଶୁଖ୍ରୀଷ୍ଟଙ୍କ ସହିତ ସହଭାଗିତାରେ ବିଶ୍ୱସ୍ତ ଜୀବନଯାପନ କରିବାକୁ ମନୁଷ୍ୟମାନଙ୍କୁ ସେ ଅନନ୍ତଜୀବନ ପ୍ରତିଜ୍ଞା କରିଅଛନ୍ତି । ତାହାଙ୍କ ପ୍ରତିଜ୍ଞାର ଫଳ ଅନୁଭବ କରିବା ନିମନ୍ତେ ଆମ୍ଭମାନଙ୍କୁ ମରଣରୂପ ନଦୀ ପାର ହେବାକୁ ହେବ ।

ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ନଥାନ୍ତି ସେମାନଙ୍କୁ ମରଣ ଭୟ ଥାଏ । ଜନ୍ମଗ୍ରହଣ କରିଥିବା ପ୍ରତ୍ୟେକ ମନୁଷ୍ୟଙ୍କୁ ଏହି ମରଣରୂପ ନଦୀ ନିଶ୍ଚିତଭାବେ ପାର ହେବାକୁ ହେବ ।

ଇଶ୍ରାଏଲର ପରମେଶ୍ୱର ଆଶ୍ଚର୍ଯ୍ୟଭାବେ ସେମାନଙ୍କୁ ମିସରର ଦାସତ୍ୱରୁ ମୁକ୍ତ କରି, ଆମ୍ଭମାନଙ୍କୁ ଏକ ଦୃଷ୍ଟାନ୍ତ ସୁଚାଇ ଅଛନ୍ତି । ଆମ୍ଭମାନଙ୍କ ପାପରୁ ବିମୁକ୍ତ କରି ତାହାଙ୍କ ଆଶ୍ଚର୍ଯ୍ୟମୟ ମହିମାରେ ସେ ଆମ୍ଭମାନଙ୍କୁ କଢ଼ାଇ ନେବ । ସମର୍ଥ ପରମେଶ୍ୱର ଅଟନ୍ତି । ଯେଉଁମାନେ ପାପ କରନ୍ତି, ସେମାନେ ପାପର ଦାସ ବୋଲି ଯୀଶୁଖ୍ରୀଷ୍ଟ କହିଅଛନ୍ତି । ଆପଣ ଯଦି ପାପରୁ ବିମୁକ୍ତ ହେବାକୁ ଇଚ୍ଛା କରୁଅଛନ୍ତି, ଆଜି ପ୍ରଭୁ ଯୀଶୁଙ୍କ ଠାରେ ବିଶ୍ୱାସ କରନ୍ତୁ । ଆପଣା ପାପ ବିଷୟରେ ମନ ପରିବର୍ତ୍ତନ କରି ଖ୍ରୀଷ୍ଟଙ୍କ ଠାରେ ବାପ୍ତିସ୍ମ ଗ୍ରହଣ କରି ମୃତ୍ୟୁରୁ ଜୀବନକୁ ପାର ହେଉନ୍ତୁ । ବିଳମ୍ବ କଲେ ଆଉ ସୁଯୋଗ ପାଇନପାରନ୍ତି ।

***- Joshua Gootam***

❋❋❋

# ଉତ୍ତମ ଭୂମି
## (Good Soil)

ଯୀଶୁ କହିଲେ, ଈଶ୍ୱରଙ୍କ ବାକ୍ୟ ବିହନ ସଦୃଶ । ଜଣେ ବୁଣାଳୀ ବୁଣିବା ସମୟରେ ବାଟ ପାଖରେ ପଡ଼ିଥିବା ବିହନ ଶୟତାନ ହରଣ କରିନିଏ । ପଥର ଭୂମି ଓ କଣ୍ଟାଗଛଗୁଡ଼ିକ ମଧ୍ୟରେ ପଡ଼ିବା ବିହନ ମଧ୍ୟ ଉତ୍ତମ ଫଳ ଫଳେ ନାହିଁ । କିନ୍ତୁ ଉତ୍ତମ ଭୂମିରେ ପଡ଼ିବା ବିହନ ତିରିଶିଗୁଣ, ଷାଠିଏ ଗୁଣ, ଶତଗୁଣ ଫଳ ଉତ୍ପନ୍ନ କରେ ।

ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକରେ ଈଶ୍ୱରଙ୍କ ବାକ୍ୟ କିପରି ଉତ୍ତମ ଭୂମିରେ ବୁଣାଯାଇଥିଲା ଓ ତାହା କିପରିଭାବେ ବହୁଗୁଣରେ ଫଳ ଉତ୍ପାଦନ କରିଥିଲା ପଢ଼ିଥାଉଁ । ପ୍ରଭୁଙ୍କ ଜଣେ ଦୂତ ଫିଲିପଙ୍କୁ ଦକ୍ଷିଣ ଦିଗରେ ଯେଉଁ ପଥରେ ଯିରୂଶାଲମରୁ ଗଜା ଆଡ଼କୁ ଯାଏ, ସେହି ପଥରେ ଯାଇ ଏକ ନପୁଂସକଙ୍କ ଦେଖା କରିବାକୁ ଆଜ୍ଞା ଦେଲେ । ସେହି ନପୁଂସକ, କୂଶଦେଶୀୟ କାନ୍ଦାକୀ ନାମ୍ନୀ ରାଣୀଙ୍କ ଧନ ଭଣ୍ଡାରର ବେବର୍ତ୍ତା ଥିଲେ । ସେ ଯିରୂଶାଲମ ମନ୍ଦିରରେ ଈଶ୍ୱରଙ୍କ ପୂଜା କରି ଆପଣା

ରଥରେ ବାହୁଡ଼ିଯିବା ସମୟରେ ରଥରେ ବସି ଯିଶାଇୟ ପୁସ୍ତକ ପଢୁଥିଲେ । ଫିଲିପ ତାହାଙ୍କ ନିକଟରେ ଆସି ରଥରେ ଚଢ଼ି ଯୀଶୁଙ୍କ ସୁସମାଚାର ପ୍ରଚାର କଲେ । ସୁସମାଚାରରେ ବିଶ୍ୱାସ କରି ସେ ବାପ୍ତିଜିତ ହୋଇ ଆନନ୍ଦରେ ଆପଣା ଦେଶକୁ ବାହୁଡ଼ିଯାଇ ଅନେକଙ୍କୁ ଖ୍ରୀଷ୍ଟ ନିମନ୍ତେ ଲାଭ କରିଥିଲେ ବୋଲି ଇତିହାସ ସାକ୍ଷ୍ୟ ଦିଏ । (ପ୍ରେରିତ ୮:୨୬-୪୦)

ଈଶ୍ୱରଭକ୍ତ, ପ୍ରାର୍ଥନାଶୀଳ ଓ ଦାନଶୀଳ କର୍ଣ୍ଣଲୀୟ ନାମକ ଏକ ଇତାଲିକ ସୈନ୍ୟଦଳର ସେନାପତିଙ୍କ ନିକଟରେ, ଈଶ୍ୱରଙ୍କ ବିହନ ବପନ କରିବା ନିମନ୍ତେ ପ୍ରେରିତ ପାଉଲ ଆଜ୍ଞାପିତ ହୋଇଥିଲେ । କର୍ଣ୍ଣଲୀୟ ତାହାଙ୍କ ପରିବାର ଓ ବନ୍ଧୁବର୍ଗଙ୍କୁ ପ୍ରେରିତ ପିତର ଈଶ୍ୱରଙ୍କ ବାକ୍ୟରୂପ ବିହନ ବପନ କରିଥିଲେ । ଈଶ୍ୱରଙ୍କ ବାକ୍ୟ ଶ୍ରବଣରେ ବିଶ୍ୱାସ ଜାତ ହୁଏ । କର୍ଣ୍ଣଲୀୟ ତାହାଙ୍କ ପରିବାର, ବନ୍ଧୁବର୍ଗ ସମସ୍ତେ ପିତରଙ୍କ ଦ୍ୱାରା ଈଶ୍ୱରଙ୍କ ବାକ୍ୟ ଶୁଣି ବିଶ୍ୱାସ କରି, ମନ ପରିବର୍ତ୍ତନ ଓ ଖ୍ରୀଷ୍ଟଙ୍କ ସ୍ୱୀକାର କରି ବାପ୍ତିଜିତ ହୋଇଥିଲେ । ଏହି ପରିବାର ବିଜାତୀୟମାନଙ୍କ ମଧ୍ୟରୁ ପ୍ରଥମ ପରିବାର, ଯେଉଁମାନେ ଖ୍ରୀଷ୍ଟଙ୍କୁ ଗ୍ରହଣ କରି ଖ୍ରୀଷ୍ଟିୟାନ ହୋଇଥିଲେ । (ପ୍ରେରିତ ୧୦:୧-୪୮)

ପାଉଲ ଓ ତାହାଙ୍କ ସଙ୍ଗୀମାନେ ପ୍ରଭୁଙ୍କ ବାକ୍ୟ ପ୍ରଚାର କରି ଯାତ୍ରା କରୁଥିବା ସମୟରେ ତ୍ରୋୟାରେ, ମାକିଦନିଆ ପାର ହୋଇ ସେମାନଙ୍କ ନିକଟକୁ ଆସିବା ନିମନ୍ତେ ବିନତି କରୁଥିବା ଏକ ମନୁଷ୍ୟର ଦର୍ଶନ ପାଇ ଫିଲିପୀ ନାମକ ଏକ ପ୍ରଧାନ ନଗରକୁ ସେମାନେ ଗଲେ । ଏହା ରୋମୀୟ ସେନାମାନଙ୍କ ଏକ ଉପନିବେଶ ଥିଲା । ବିଶ୍ରାମବାରରେ ପାଉଲଙ୍କ ରୀତିନୁସାରେ ନଗରଦ୍ୱାରରୁ ବାହାରେ ନଦୀକୂଳରେ ସମବେତ ମହିଳାମାନଙ୍କୁ ପ୍ରଭୁଙ୍କ ବାକ୍ୟ ପ୍ରଚାର କରିବାକୁ ଲାଗିଲେ । ସେମାନଙ୍କ ମଧ୍ୟରେ ଥୁୟାଥିରା ନଗରର ବାଇଗଣିଆ ବସ୍ତ୍ର ବିକ୍ରୟକାରିଣୀ ଲୁଦିଆ ବସି ପରମେଶ୍ୱରଙ୍କ ବାକ୍ୟ ଶୁଣୁଥିଲେ । ବାକ୍ୟ ତାହାଙ୍କ ବିଷୟରେ କହେ, ''.......ଲୁଦିଆ ନାମ୍ନୀ ଜଣେ ମହିଳା, ଯେ ଈଶ୍ୱରଭକ୍ତା ଥିଲେ, ସେ ଆମ୍ଭମାନଙ୍କ କଥା ଶୁଣୁଥିଲେ । ସେ ଯେପରି ପାଉଲଙ୍କରକ ଥିତ ବିଷୟ ପ୍ରତି ମନୋଯୋଗ କରନ୍ତି, ଏଥି ନିମନ୍ତେ ପ୍ରଭୁ ତାହାଙ୍କର ହୃଦୟ ଫିଟାଇଥିଲେ । ପୁଣି ସେ ଓ ତାହାଙ୍କ ପରିବାର ଉତ୍ତାରେ ସେ ଆମ୍ଭମାନଙ୍କୁ ବିନତୀ କରି କହିଲେ, ଆପଣମାନେ ଯଦି ମୋତେ ପ୍ରଭୁଙ୍କ ନିକଟରେ ବିଶ୍ୱସ୍ତ ବୋଲି ବିଚାର କରିଥାଆନ୍ତି, ତେବେ ମୋହର ଗୃହକୁ ଆସି ବାସ କରିଥାଆନ୍ତୁ, ଆଉ ସେ ଆମ୍ଭମାନଙ୍କୁ ବଳାଇଲେ ।'' (ପ୍ରେରିତ ୧୬:୧୪,୧୫) ପାଉଲ ପ୍ରଭୁଯୀଶୁଙ୍କ

ବିଷୟକ ସୁସମାଚାର ସେମାନେ ପ୍ରଚାର କରିଥିଲେ । ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟ ଏହି ଜଗତରେ କନ୍ୟା ମରିୟମ ଦ୍ୱାରା ଜନ୍ମଗ୍ରହଣ କରିଥିଲେ । ତିରିଶି ବର୍ଷପର୍ଯ୍ୟନ୍ତ ଆପଣା ଜାଗତିକ ପିତା ଯୋସେଫ ଓ ମାତା ମରିୟମଙ୍କ ଆଜ୍ଞାବହ ହୋଇ ଜୀବନଯାପନ କରି ତିରିଶି ବର୍ଷ ବୟସରେ ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହୋଇ ଈଶ୍ୱରଙ୍କ ସେବାକାର୍ଯ୍ୟ ଆରମ୍ଭ କରିଥିଲେ । ଯୀଶୁ ଯେ ତାହାଙ୍କ ଅଦ୍ୱିତୀୟ ପୁତ୍ର ଏହା ସ୍ୱୟଂ ସଦାପ୍ରଭୁ ତିନିଥର ଆକାଶରୁ କହିଥିଲେ ତାହା ଆମ୍ଭେମାନେ ମାଥିଉ ୩:୧୭, ୧୭:୫ ଓ ଯୋହନ ୧୨:୨୮ ପଦରେ ପଢ଼ିଥାଉଁ । ସେ ଗାଲିଲୀ ଓ ଯିହୁଦା ଦେଶର ନଗର ଓ ଗ୍ରାମମାନଙ୍କରେ ସଞ୍ଚାର କରି ଅନେକ ରୋଗୀମାନଙ୍କୁ ସୁସ୍ଥ କରି, ଅନେକ ଆଶ୍ଚର୍ଯ୍ୟ କର୍ମ କରି ପରମେଶ୍ୱରଙ୍କ ସୁସମାଚାର ପ୍ରଚାର କରିଥିଲେ । (ପ୍ରେରିତ ୨:୨୨) । ସେ ଜୀବନଦାତା ଅଟନ୍ତି, ସେ ଲାଜରଙ୍କୁ ଯାଇରସଙ୍କ କନ୍ୟାକୁ ଓ ନାଇନ ବିଧବାର ମୃତ ପୁତ୍ରଙ୍କୁ ଜୀବନଦାନ କରିଥିଲେ । ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଆମ୍ଭମାନଙ୍କ ପାପମୋଚନ ନିମନ୍ତେ କ୍ରୁଶରେ ଆପଣା ପ୍ରାଣବଳୀ ଦେଇଥିଲେ । ତୃତୀୟ ଦିନରେ ମରଣକୁ ଜୟ କରି ପୁନଃରୁତ୍ଥିତ ହୋଇଥିଲେ । ପୁନଃରୁତ୍ଥିତ ଯୀଶୁ ୪୦ ଦିନ ପର୍ଯ୍ୟନ୍ତ ଆପଣା ଶିଷ୍ୟମାନଙ୍କୁ ଦର୍ଶନ ଦେଇ ସ୍ୱର୍ଗାରୋହଣ କରିଥିଲେ । ପିତାଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଈଶ୍ୱରଙ୍କ ପୁତ୍ର, ଜଗତର ବିଚାର କରିବା ନିମନ୍ତେ ପୁନଃର୍ବାର ଆସିବେ । ଯେଉଁମାନେ ତାହାଙ୍କୁ ଗ୍ରହଣ କରି, ବିଶ୍ୱସ୍ତ ଜୀବନଯାପନ କରିଥାଆନ୍ତି ସେମାନଙ୍କୁ ଅନନ୍ତଜୀବନ ଓ ଅଗ୍ରାହ୍ୟ କରିବା ଲୋକଙ୍କୁ ନିତ୍ୟଶାସ୍ତି ପ୍ରଦାନ କରିବା ନିମନ୍ତେ ସେ ପୁନଃର୍ବାର ଆଗମନ କରିବେ । ପ୍ରେରିତ ପିତା କହନ୍ତି, ''ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହାଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ନାହିଁ ।'' (ପ୍ରେରିତ ୪:୧୨)

ଈଶ୍ୱରଙ୍କ ବାକ୍ୟ ଶ୍ରବଣରୁ ବିଶ୍ୱାସ ଜାତ ହୁଏ । (ରୋମୀୟ ୧୦:୧୭) ପ୍ରେରିତ ପାଉଲଙ୍କ ପ୍ରଚାରରେ ଲୂଦିଆ ଓ ତାହାଙ୍କ ପରିବାର ବିଶ୍ୱାସ କରି ବାପ୍ତିଜିତ ହୋଇଥିଲେ । ଈଶ୍ୱରଙ୍କ ବାକ୍ୟ, ଉତ୍ତମ ଭୂମି ସଦୃଶ୍ୟ ଲୂଦିଆଙ୍କ ହୃଦୟରେ ବପନ ହୋଇଥିଲା । ସେ ତାହାଙ୍କ ପରିବାର ବାପ୍ତିଜିତ ହୋଇଥିଲେ । ପାଉଲ ଓ ତାହାଙ୍କ ସଙ୍ଗୀମାନେ ଯେତେଦିନ ରହି ଫିଲିପୀରେ ରହିଥିଲେ, ସେତେଦିନ ସେମାନଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ । କାରଣ ପାଉଲ ଓ ଶୀଲାଙ୍କ ଫିଲିପୀ ନଗରରେ ଶାସନକର୍ତ୍ତାମାନଙ୍କ ଦ୍ୱାରା କାରାରୁଦ୍ଧ ହୋଇ, ମୁକ୍ତ ହେବା ପରେ ଲୂଦିଆଙ୍କ ଗୃହକୁ ଯାଇଥିବା ବିଷୟ

ଆମ୍ଭେମାନେ ପ୍ରେରିତ ୧୬:୪୦ ପଦଗୁଡ଼ିକରେ ପଢ଼ିପାରୁ । ପାଉଲ ଓ ତାହାଙ୍କ ସଙ୍ଗୀମାନଙ୍କ ସୁସମାଚାର ପ୍ରଚାର ଦ୍ୱାରା ଫିଲିପରେ ଏକ ସୁନ୍ଦର ଓ ସୁଦୃଢ଼ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇଥିଲା । ସେମାନଙ୍କ ଉଦ୍ଦେଶ୍ୟରେ ପ୍ରେରିତ ପାଉଲ ଏକ ସୁନ୍ଦର ପତ୍ରିକା ଲେଖିଅଛନ୍ତି, ଯେଉଁଠାରେ ସେମାନଙ୍କୁ ସେ ଅତ୍ୟଧିକ ଭାବେ ପ୍ରଶଂସା କରନ୍ତି । ଫିଲିପ ମଣ୍ଡଳୀ ଏକ ଆଦର୍ଶମୟ ମଣ୍ଡଳୀ ଥିଲା । ପ୍ରେରିତ ପାଉଲ ସେମାନଙ୍କୁ କହନ୍ତି, "ମୁଁ ତୁମ୍ଭମାନଙ୍କୁ ଯେତେଥର ସ୍ମରଣ କରେ, ସେତେଥର ମୋହର ଈଶ୍ୱରଙ୍କୁ ଧନ୍ୟବାଦ ଦେଇଥାଏ । ପ୍ରଥମ ଦିନ ଠାରୁ ଆଜି ପର୍ଯ୍ୟନ୍ତ ସୁସମାଚାର ପକ୍ଷରେ ତୁମ୍ଭମାନଙ୍କ ସହଭାଗିତା ହେତୁ ତୁମ୍ଭ ସମସ୍ତଙ୍କ ନିମନ୍ତେ ସର୍ବଦା ମୁଁ ମୋହର ପ୍ରତ୍ୟେକ ପ୍ରାର୍ଥନାରେ ଆନନ୍ଦ ସହ ନିବେଦନ କରୁଅଛି । କାରଣ ଯେ ତୁମ୍ଭମାନଙ୍କ ଅନ୍ତରରେ ଉତ୍ତମ କାର୍ଯ୍ୟ ଆରମ୍ଭ କରିଅଛନ୍ତି .......ମୁଁ ତୁମ୍ଭମାନଙ୍କୁ ହୃଦୟରେ ଧାରଣ କରିଅଛି ।" (ଫିଲିପି ୧:୩-୭) । ସେମାନେ ପଠାଇଥିବା ଦାନ ବିଷୟରେ ସେ କହନ୍ତି, ".......ସେହିସବୁ ଈଶ୍ୱରଙ୍କ ନିକଟରେ ତୁଷ୍ଟିଜନକ ସୁଗନ୍ଧ ନୈବେଦ୍ୟ ଓ ସୁଗ୍ରାହ୍ୟ ବଳୀସ୍ୱରୂପ ।" (୪:୧୮)

ଈଶ୍ୱରଙ୍କ ବାକ୍ୟ ବିହନ ସଦୃଶ୍ୟ ଅଟେ । ତାହା ଆପଣଙ୍କ ହସ୍ତରେ ଅଛି । ତାହା ପରମେଶ୍ୱର ଆପଣଙ୍କ ଦ୍ୱାରା ଉତ୍ତମ ଭୂମିରେ ବୁଣାଇବେ ଓ ତାହାଙ୍କ ନିମନ୍ତେ ପ୍ରଚୁର ଫଳ ଉତ୍ପନ୍ନ କରିବେ । ଆସ ଆମ୍ଭେମାନେ ସେହି ମହାନ ଶସ୍ୟକ୍ଷେତ୍ର କର୍ତ୍ତାଙ୍କ ହସ୍ତରେ ଆପଣା ଆପଣା ଜୀବନ ସମର୍ପଣ କରୁ ।

***- Kabita Gootam***

❃❃❃

# ପାପମୟ ଜୀବନରେ ପାହାଚରୁ ପାହାଚ
## (Step by step into Sin)

"ଅନନ୍ତର ଦିନେ ସନ୍ଧ୍ୟା ସମୟରେ ଦାଉଦ ଆପଣା ଶଯ୍ୟାରୁ ଉଠି ରାଜଗୃହର ଛାତ ଉପରେ ବୁଲୁଥିଲେ, ପୁଣି ସେହି ଛାତ ଉପରୁ ସେ ଏକ ସ୍ତ୍ରୀକୁ ସ୍ନାନ କରୁଥିବା ଦେଖିଲେ, ସେହି ସ୍ତ୍ରୀ ଦେଖିବାକୁ ଅତି ସୁନ୍ଦରୀ ଥିଲା ।" (୨ ଶାମୁୟେଲ ୧୧:୨)

ବାଇବଲର ଛାତ୍ରମାନେ ଏହି କାହାଣୀ ସୁପରିଚିତ ଅଟନ୍ତି । ସନ୍ଧ୍ୟା ସମୟରେ ଛାତ ଉପରେ ବୁଲିବା ସମୟରେ ଏକ ସୁନ୍ଦରୀ ସ୍ତ୍ରୀକୁ ସ୍ନାନ କରିବା ଦେଖି କାମାଭିଳାଷୀ ରାଜା ବାଥସେବା ନାମ୍ନୀ ସେହି ସ୍ତ୍ରୀ ସହିତ ବ୍ୟଭିଚାର କଲେ । (୪ର୍ଥ ପଦ) ସେହି

ସ୍ତ୍ରୀ ଗର୍ଭବତୀ ହେବାରୁ ମହାନ ରାଜା ସମସ୍ୟାରେ ପଡ଼ିଲେ ।

ସମସ୍ୟାରେ ପଡ଼ି ରାଜା ଧିରେ ଧିରେ ଅଧିକ ପାପ କରିବାକୁ ଲାଗିଲେ । ତାହାଙ୍କ କାର୍ଯ୍ୟକୁ ଢ଼ାଙ୍କିବା ନିମନ୍ତେ ସେ ଏକ ଯୋଜନା କଲେ । ଏହି ଘଟଣା ଆମେ ସେହି ପର୍ବର ୬-୧୩ ପଦଗୁଡ଼ିକରେ ପଢ଼ିଥାଉ ।

ବେଥସେବାଙ୍କ ସ୍ୱାମୀ ଉରିୟା ଇଶ୍ରାଏଲ୍‌ର ସୈନ୍ୟର ଏକ ଯୋଦ୍ଧା । ଘୋର ଯୁଦ୍ଧ ସମୟରେ ତାହାଙ୍କୁ ନିଯୁକ୍ତ କରି, ସୈନ୍ୟମାନଙ୍କୁ ସେଠାରୁ ଘୁଞ୍ଚିଯିବା ନିମନ୍ତେ ଦାଉଦ ସେନାଧିପତି ଯୋୟେବଙ୍କୁ ଆଜ୍ଞା ଦେଲେ । ଯଦିଓ ରାଜା ପ୍ରତ୍ୟକ୍ଷଭାବେ ଉଭୟଙ୍କୁ ହତ୍ୟା କରିନଥିଲେ, ତାହାଙ୍କ ମରଣରେ ରାଜା ଦାଉଦଙ୍କ ହସ୍ତ ଥିଲା । (୧୫-୨୪ ପଦ)

ଏହି କାହାଣୀରୁ ଦାଉଦ କିପରି ପାହାଚ ପରେ ପାହାଚ ଚଢ଼ି ପାପ ମଧ୍ୟକୁ ଗମନ କରିଥିଲେ ଜାଣିପାରୁ ।

- ଦାଉଦ ବେଥସେବାକୁ ଦେଖିଲେ (ଏବେ ପର୍ଯ୍ୟନ୍ତ ପାପ କରିନଥିଲେ)
- ହୃଦୟରେ କାମୁକତା ଜାଗିଉଠିଲା ।
- ତାହା ସହିତ ଶୟନ କଲେ (ବ୍ୟଭିଚାର କଲେ)
- ଉରିୟାକୁ ହତ୍ୟା କରାଇଲେ (ହତ୍ୟାକାରୀ ହେଲେ)

ଦାଉଦଙ୍କ ସ୍ୱର୍ଗସ୍ଥ ପିତାଙ୍କ ନିକଟରେ ଅଶ୍ରୁଭରା ପ୍ରାର୍ଥନା ଗୀତ ସଂହିତା ୫୧ ପଦରେ ପଢ଼ିଥାଉ ।

୧) "......ମୁଁ ଆପଣା ଅଧର୍ମ ସ୍ୱୀକାର କରୁଅଛି ଓ ମୋ ପାପ ସର୍ବଦା ମୋ ସମ୍ମୁଖରେ ଅଛି ।" (୩ୟ ବଚନ)

୨) "ମୁଁ ତୁମ୍ଭ ବିରୁଦ୍ଧରେ, କେବଳ ତୁମ୍ଭ ବିରୁଦ୍ଧରେ ପାପ କରିଅଛି, ଆଉ, ତୁମ୍ଭ ଦୃଷ୍ଟିରେ ଯାହା ମନ୍ଦ, ତାହା ହିଁ କରିଅଛି ।" (୪ର୍ଥ ବଚନ)

୩) "ମୋତେ ଆହ୍ଲାଦ ଓ ଆନନ୍ଦଜନକ ବାକ୍ୟ ଶୁଣାଅ, ତହିଁରେ ତୁମ୍ଭ ଦ୍ୱାରା ଭଗ୍ନ ଅସ୍ଥି ସବୁ ପ୍ରଫୁଲ୍ଲ ହେବ ।" (ଗୀତ ୫୧:୮ ୧)

୪) "......ମୋ ଅନ୍ତରରେ ଶୁଚି ଅନ୍ତଃକରଣ ସୃଷ୍ଟି କର ଓ ମୋ ମଧ୍ୟରେ ସୁସ୍ଥିର ଆତ୍ମା ନୂତନ କର ।" (୧୦ମ ବଚନ)

ଦାଉଦ କ୍ଷମାଭିକ୍ଷା କରିବାରୁ ସଦାପ୍ରଭୁ, ତାହାଙ୍କ ପାପକ୍ଷମା କଲେ । (୨ୟ ଶାମୁୟେଲ ୧୨:୧୩) କିନ୍ତୁ ସେହି ପାପର ଫଳାଫଳ ତାଙ୍କୁ ଭୋଗିବାକୁ ପଡ଼ିଲା । ସଦାପ୍ରଭୁ ପକ୍ଷପାତୀ ନୁଅଁନ୍ତି ! ଯଦିଓ ସେ ଆମ୍ଭମାନଙ୍କ ପାପ କ୍ଷମା କରନ୍ତି, ପାପର ଫଳାଫଳ ଆମ୍ଭମାନଙ୍କୁ ଭୋଗିବାକୁ ହେବ । ସେହି ଫଳାଫଳରୁ ଉତ୍ତମ ବିଷୟ ଶିକ୍ଷା କରିବାକୁ ସେ ସାହାଯ୍ୟ କରନ୍ତି ।

ଭାବବାଦୀ ନାଥନ ଦ୍ୱାରା ସଦାପ୍ରଭୁ କହିଲେ, ''........ଆମ୍ଭେ ତୁମ୍ଭ ନିଜ ବଂଶରୁ ତମ୍ଭ ବିରୁଦ୍ଧରେ ଅମଙ୍ଗଳ ଉତ୍ପନ୍ନ କରିବା.......'' (୨ୟ ଶାମୁୟେଲ ୧୨:୧୧) ''ତୁମ୍ଭମାନଙ୍କର ପାପ ଯେ ତୁମ୍ଭମାନଙ୍କୁ ଧରିବ, ଏହା ନିଶ୍ଚିତ ଭାବେ ଜାଣ ।'' (ଗଣନା ୩୨:୨୩) ସଦାପ୍ରଭୁଙ୍କ ଏହି ବାକ୍ୟ ସେ ଆପଣା ଜୀବନରେ ଅନୁଭବ କରିଥିଲେ । ଦାଉଦ ଓ ବେଥସେବାଙ୍କ ଏହି କାର୍ଯ୍ୟ ଦ୍ୱାରା ଜନ୍ମିତ ଶିଶୁ, ଦାଉଦଙ୍କ ବହୁ ଉପାସ ପ୍ରାର୍ଥନା ସତ୍ତ୍ୱେ ମରଣ ଭୋଗିଲେ ।

ଦାଉଦଙ୍କ ଅବଶାଲେମ ନାମକ ଏକ ସୌନ୍ଦର୍ଯ୍ୟବାନ ପୁତ୍ର ଥିଲେ । ଲମ୍ବାକେଶ ରଖିଥିବା ଦାଉଦଙ୍କ ଏହି ପୁତ୍ର ବିଦ୍ରୋହୀ ହୋଇ ରାଜାଙ୍କ ସିଂହାସନରେ ଅଭିଷିକ୍ତ ହେବାକୁ ଚେଷ୍ଟା କଲେ । (୨ୟ ଶାମୁୟେଲ ୧୫:୧୦) ଦାଉଦଙ୍କ ସୈନ୍ୟ ଓ ଅବଶାଲମଙ୍କ ସୈନ୍ୟ ମଧ୍ୟରେ ପ୍ରବଳ ଯୁଦ୍ଧ ହେବା ସମୟରେ, ଅବଶାଲମ ଯେଉଁ ଖଚର ଚଢ଼ିଥିଲେ, ତାହା ଏକ ବଡ଼ ଅଲୋନବୃକ୍ଷର ଛନ୍ଦାଛନ୍ଦି ଶାଖା ତଳେ ଯିବାରୁ ଅବଶାଲମର ମସ୍ତକ ଆଲୋନବୃକ୍ଷରେ ଅଟକି ରହିଲା, ଦାଉଦଙ୍କ ସେନାଧିପତି ଯୋୟୋବ ତାହାଙ୍କୁ ଆଘାତ କରି ବଧ କଲେ । (୨ ଶାମୁୟେଲ ୧୮:୧୫) । ତାହାଙ୍କ ମୃତ୍ୟୁରେ ରାଜା ରୋଦନ କରି କହିଲେ,''ଆମ୍ଭର ପୁତ୍ର, ଆମ୍ଭ ପୁତ୍ର ଅବଶାଲମ, ଯେବେ ତୁମ୍ଭ ବଦଳେ ଆମ୍ଭେ ମରିଥାନ୍ତୁ, ହାୟ ଅବଶାଲମ, ଆମ୍ଭର ପୁତ୍ର, ଆମ୍ଭର ପୁତ୍ର !'' (୨ ଶାମୁୟେଲ ୧୮:୩୩) । ଦାଉଦ, ସଦାପ୍ରଭୁଙ୍କ ନିମନ୍ତେ ଯିରୁଶାଲମରେ ମନ୍ଦିର ନିର୍ମାଣ କରିବାକୁ ଇଚ୍ଛା କରିଥିଲେ, କିନ୍ତୁ ତାହାଙ୍କ ହସ୍ତ ରକ୍ତପାତ କରିଥିବାରୁ, ସଦାପ୍ରଭୁ ମନ୍ଦିର ନିର୍ମାଣ କରିବାକୁ ବାରଣ କରିଥିଲେ । ଯିରୁଶାଲମରେ ଶଲୋମନଙ୍କ ଦ୍ୱାରା ମନ୍ଦିର ନିର୍ମାଣ ହୋଇଥିଲା ।

ଆପଣା ଛାତ ଉପରୁ ଦାଉଦ ଆରମ୍ଭ କରିଥିବା ପାପରେ ଯାତ୍ରା, ତାହାଙ୍କୁ କେଉଁ ସ୍ଥିତିକୁ ନେଇଥିଲା ଏହି ଘଟଣାବଳୀରୁ ବୁଝିପାର । ସେହି ଦୁର୍ବଳ ମୁହୂର୍ତ୍ତରେ

କରିଥିବା ପାପର ଫଳାଫଳରୁ ମୁକ୍ତ ହେବା ନିମନ୍ତେ ତାହାଙ୍କୁ ଅନେକ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ଆସ ଆମ୍ଭେମାନେ ଜାଗ୍ରତରେ ଜୀବନଯାପନ କରୁ । ପ୍ରେରିତ ପାଉ କହନ୍ତି, "ସଚେତନ ହୋଇ ଜାଗ୍ରତ ହୁଅ, ତୁମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହପ୍ରା ଗର୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଅଛି ।" (୧ମ ପିତର ୫:୮)

***- Betty Tuck***

❋❋❋

# ପ୍ରକୃତରେ ଏହି ଶୀଶକ କିଏ ?
## (Who was Shishak Anyway ?)

ଖ୍ରୀଷ୍ଟପୂର୍ବ ୯୩୧ ବର୍ଷରେ ଇଶ୍ରାଏଲର ରାଜା ଶଲୋମନଙ୍କ ମୃତ୍ୟୁ ପରେ, ତାହାଙ୍କ ପୁତ୍ର ରିହବିୟାମ ଇଶ୍ରାଏଲର ରାଜ୍ୟଭାର ଗ୍ରହଣ କରିଥିଲେ । ଇଶ୍ରାଏଲର ଦଶଗୋଷ୍ଠୀ ରିହବିୟାମଙ୍କ ବିରୁଦ୍ଧରେ ବିଦ୍ରୋହ କରିବାରୁ ଦେଶ ବିଭକ୍ତ ହେଲା ; ଉତ୍ତର ଭାଗ "ଇଶ୍ରାଏଲ" ଓ ଦକ୍ଷିଣ ଭାଗ 'ଯିହୂଦା" ଦେଶ ନାମରେ ଖ୍ୟାତ ହେଲା । ବିନ୍ୟାମୀନ ଓ ହିହୂଦା ଦୁଇଗୋଷ୍ଠୀ ଯିହୂଦା ଦେଶରେ ରିହବିୟାମଙ୍କ ଅଧୀନରେ ରହିଲେ ।

ଯିରବିୟାମ ନାମକ ଏକ ଯୁବ ରାଜା ଶଲୋମନଙ୍କ ଦ୍ୱାରା ମିସର ଦେଶକୁ ନିର୍ବାସିତ ହୋଇଥିଲେ । ଶଲୋମନଙ୍କ ମୃତ୍ୟୁ ପରେ ଯିରବିୟାମ ଯିହୂଦାକୁ ଫେରି ଆସି ଉତ୍ତର ଦେଶ ବା "ଇଶ୍ରାଏଲ୍" ଦେଶ ପରିପାଳନ କରିବା ନିମନ୍ତେ ଅଭିଷିକ୍ତ ହେଲେ । ଇଶ୍ରାଏଲ୍ ଦେଶ ଓ ଯିହୂଦା ଦେଶ ମଧ୍ୟରେ କିଅବା ଯିରବିୟାମ ଓ ରିହବିୟାମ ମଧ୍ୟରେ ଉତ୍ତମ ସଂପର୍କ ନଥିଲା । କିନ୍ତୁ ଯିରବିୟାମ, ମିସର ରାଜା ଶୀଶକ ସହ ଉତ୍ତମ ସଂପର୍କ ରଖିଥିଲେ । ରିହବିୟାମ ବିରୁଦ୍ଧରେ ଓ ମନ୍ଦିରରେ ଥିବା ଶଲୋମନଙ୍କ ସୁବର୍ଣ୍ଣ ଢାଲ ଲୁଣ୍ଠନ କରିବା ନିମନ୍ତେ ଯିରବିୟାମ, ଶୀଶକଙ୍କୁ ପ୍ରେରଣା ଦେଇଥିଲେ ବୋଲି ମନେ ହୁଏ । ଯଦିଓ ବାକ୍ୟ ଏପରି ଲେଖାଯାଇନାହିଁ ।

ଦ୍ୱିତୀୟ ବଂଶାବଳୀ ୧୨:୧-୪ ପଦରେ ଲେଖାଯାଏ, "ଅନନ୍ତର

ରିହବିୟାମଙ୍କ ରାଜ୍ୟ ସୁସ୍ଥିର ଓ ସେ ବଳବାନ ହୁଅନ୍ତେ, ସେ ଓ ତାଙ୍କ ସଙ୍ଗେ ସମଗ୍ର ଇଶ୍ରାଏଲ ସଦାପ୍ରଭୁଙ୍କ ବ୍ୟବସ୍ଥା ପରିତ୍ୟାଗ କଲେ । ଆଉ ସେମାନେ ସଦାପ୍ରଭୁଙ୍କ ବିରୁଦ୍ଧରେ ସତ୍ୟଲଂଘନ କରିବାରୁ ରିହବିୟାମ ରାଜାଙ୍କର ଅଧିକାରର ପଞ୍ଚମ ବର୍ଷରେ ମିସରର ରାଜା ଶୀଶକ ଯିରୁଶାଲମ ବିରୁଦ୍ଧରେ ଆସିଲା । ତାହା ସଙ୍ଗେ ବାରଣ ରଥ, ଷାଠିଏ ହଜାର ଅଶ୍ୱାରୂଢ଼ ଥିଲେ ଓ ତାହା ସଙ୍ଗେ ମିସରରୁ ଅସଂଖ୍ୟ ଲୂବୀୟ ଓ ସୂକକୀୟ ଓ କୁଶୀୟ ଲୋକ ଆସିଲେ, ପୁଣି ସେ ଯିହୂଦାର ପ୍ରାଚୀର ବେଷ୍ଟିତ ନଗର ସବୁ ହସ୍ତଗତ କରି ଯିରୁଶାଲମ ପର୍ଯ୍ୟନ୍ତ ଆସିଲେ ।''

ଏହି ଘଟଣା ପୁନଃର୍ବାର ୧ମ ରାଜାବଳୀ ୧୪:୨୫,୨୬ ପଦରେ ପଢ଼ିପାରୁ । ଯାହା କହେ, ''ଆଉ ରିହବିୟାମ ରାଜାଙ୍କର ପଞ୍ଚମ ବର୍ଷରେ ମିସରର ରାଜା ଶୀଶକ ଯିରୁଶାଲମ ବିରୁଦ୍ଧରେ ଆସିଲା । ପୁଣି ସେ ସଦାପ୍ରଭୁଙ୍କ ଗୃହର ଧନ ଓ ରାଜଗୃହର ଧନ ନେଇଗଲା, ସେ ସମସ୍ତ ପଦାର୍ଥ ନେଇଗଲା, ଆହୁରି ସେ ଶଲୋମନଙ୍କ ନିର୍ମିତ ସୁବର୍ଣ୍ଣ ଢ଼ାଲ ନେଇଗଲା ।''

ଶୀଶକଙ୍କ ଏହି ବିଜୟ ତାହାଙ୍କ ନିମନ୍ତେ ଏକ ଗୌରବର ବିଷୟ ଥିଲା । ତାହାଙ୍କର ଏହି ମହାବିଜୟର ଘଟଣା ଖ୍ରୀଷ୍ଟପୂର୍ବ ୯୨୫ ମସିହାରେ, ମିସରର ଦକ୍ଷିଣ ଭାଗର ରାଜଧାନୀ Thebes (ଯାହା ଏବେ Karnak ନାମରେ ପରିଚିତ)ର ମନ୍ଦିରର ଦକ୍ଷିଣ ଭାଗର କାନ୍ଥରେ ଖୋଦିତ କରାଇଥିଲେ । ସେଠାରେ ସେ ପରାଜୟ କରିଥିବା ଅନ୍ୟ ନଗରମାନଙ୍କ ନାମ ମଧ୍ୟ ଖୋଦିତ ହୋଇଥିଲା ।

ପୁରାତନ ନିୟମ ଓ ନୂତନ ନିୟମର କେତୋଟି ଘଟଣା, ବ୍ୟକ୍ତି, ସ୍ଥାନର ସ୍ଥିତି ବିଷୟରେ ଆଧୁନିକ ଯୁଗରେ ପ୍ରତ୍ନତତ୍ତ୍ୱ ବିଭାଗ ସମର୍ଥନ କରେ । ଇଶ୍ରାଏଲ ଦେଶର ସମସାମୟିକ ଶତ୍ରୁମାନଙ୍କ ଦ୍ୱାରା ଏହି ଘଟଣାଗୁଡ଼ିକ ଖୋଦିତ ହୋଇଥିଲା । ମିସରୀୟ, ପାରସିକୀୟ, ବାବିଲୋନୀୟମାନଙ୍କ ଇତିହାସରେ ବର୍ଣ୍ଣିତ ବ୍ୟକ୍ତି, ସ୍ଥାନ, ଘଟଣା, ବାଇବଲରେ ପଢ଼ିପାରୁଥିବାରୁ, ବାଇବଲ ଯେ କେତେ ସତ୍ୟ ଆମ୍ଭେମାନେ ବୁଝିପାରୁ ।

ଶହଶହ ଶତାବ୍ଦୀ ଧରି ଶୀଶକ କିଏ ଥିଲେ କେହି ଜାଣିନଥିଲେ । ତାହାଙ୍କ ବିଜୟର କାହାଣୀ କେବଳ ବାଇବଲରେ ଲିଖିତ ଥିଲା । ଆଧୁନିକ ଶାସ୍ତ୍ରଜ୍ଞମାନେ ପୁରାତନ ସାଙ୍କେତିକ ଲିଖନ (Hieroglyphics), କୀଳକାକୃତି ଲେଖା (Curiform) ପଠନ କରିବା ଜ୍ଞାତ ହେବା ସମୟରୁ ବାଇବଲର ଲିଖିତ ଅନେକ ବୀର, ଅନେକ ବ୍ୟକ୍ତିମାନେ ବିଖ୍ୟାତ ହେଉଅଛନ୍ତି ।

ଯଦିଓ ଇତିହାସର କେତୋଟି ଘଟଣା ବାଇବଲରେ ପଢ଼ିଥାଉଁ, ଏହା ଏକ ଆତ୍ମିକ ପୁସ୍ତକ । ଏହା ଆମ୍ଭମାନଙ୍କ ଜୀବନ ନିମନ୍ତେ ମୁକ୍ତିମାର୍ଗ ପ୍ରକଟ କରେ । ବାଇବଲର ଲିଖିତ ଘଟଣାଗୁଡ଼ିକ, ଇତିହାସର ପୁସ୍ତକରେ ପଢ଼ିବା ଦ୍ୱାରା, ବାଇବଲ ଯେ କେତେ ସତ୍ୟ ତାହା ଜାଣିପାରୁ ।

***- Harvey Porter***

❋❋❋

# ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବା
## (Bringing others to Christ)

"ତହିଁ ଆରଦିନ ପୁନର୍ବାର ଯୋହନ ଓ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଦୁଇଜଣ ଠିଆ ହୋଇଥିଲେ, ଆଉ ସେ ଯୀଶୁଙ୍କୁ ସେହି ବାଟ ଦେଇ ଯାଉଥିବା ଦେଖି ତାହାଙ୍କୁ ଏକଦୃଷ୍ଟିରେ ଚାହିଁ କହିଲେ, ଏହି ଦେଖ, ଈଶ୍ୱରଙ୍କ ମେଷଶାବକ । ସେହି ଦୁଇଜଣ ଶିଷ୍ୟ ତାହାଙ୍କ କଥା ଶୁଣି ଯୀଶୁଙ୍କ ପଛେ ପଛେ ଗଲେ । ଯୀଶୁ ବୁଲିପଡ଼ି ସେମାନଙ୍କୁ ପଛେ ପଛେ ଆସୁଥିବା ଦେଖି ପଚାରିଲେ, ତୁମ୍ଭେମାନେ କଅଣ ଖୋଜୁଅଛ ? ସେମାନେ ତାହାଙ୍କୁ ପଚାରିଲେ, ରାବ୍ବୀ (ଅନୁବାଦ କଲେ ଏହାର ଅର୍ଥ ଗୁରୁ) ଆପଣ କେଉଁଠାରେ ରୁହନ୍ତି ? ସେ ସେମାନଙ୍କୁ କହିଲେ, ଆସ ଦେଖିବ । ସେଥିରେ ସେମାନେ ଯାଇ ତାହାଙ୍କ ବସା ଦେଖିଲେ, ପୁଣି ସେହିଦିନ ତାହାଙ୍କ ସାଙ୍ଗରେ ରହିଲେ, ସେତେବେଳେ ସକାଳ ପ୍ରାୟ ଦଶ ଘଣ୍ଟା ହୋଇଥିଲା । ଯେଉଁ ଦୁଇଜଣ ଯୋହନଙ୍କ କଥା ଶୁଣି ଯୀଶୁଙ୍କ ପଛେ ପଛେ ଯାଇଥିଲେ, ସେମାନଙ୍କ ମଧ୍ୟରୁ ଜଣେ ଶିମୋନଙ୍କ ଭାଇ ଆନ୍ଦ୍ରିୟ ଥିଲେ । ସେ ପ୍ରଥମେ ଆପଣା ଭାଇ ଶିମୋନଙ୍କ ଦେଖା ପାଇ ତାହାଙ୍କୁ କହିଲେ, ଆମ୍ଭେମାନେ ମଶୀହଙ୍କର (ଅନୁବାଦ କଲେ ଏହାର ଅର୍ଥ ଖ୍ରୀଷ୍ଟ) ଦେଖା ପାଇଅଛୁ । ସେ ତାଙ୍କୁ ଯୀଶୁଙ୍କ ନିକଟକୁ ଆଣିଲେ । ଯୀଶୁ ତାଙ୍କୁ ଏକଦୃଷ୍ଟିରେ ଚାହିଁ କହିଲେ, ତୁମ୍ଭେ ଯୋହନଙ୍କ ପୁତ୍ର ଶିମୋନ । ତୁମ୍ଭେ କେଫା (ଅନୁବାଦ କଲେ ଏହାର ଅର୍ଥ ପିତର) ନାମରେ ଖ୍ୟାତ ହେବ ।" (ଯୋହନ ୧:୩୫-୪୨)

ଆନ୍ଦ୍ରିୟ, ଖ୍ରୀଷ୍ଟଙ୍କ ମନୋନୀତ ପ୍ରଥମ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ । "ଏହି ଦେଖ, ଈଶ୍ୱରଙ୍କ ମେଷଶାବକ" ବୋଲି ବାପ୍ତିଜକ ଯୋହନ ଯୀଶୁଙ୍କୁ ଦେଖାଇବା ପରଦିନ ଆନ୍ଦ୍ରିୟ ଓ ଯୋହନ ତାହାଙ୍କର ଅନୁସରଣ କଲେ । ଯୀଶୁ ସେମାନଙ୍କୁ ଦେଖି, ସେମାନେ କଅଣ ଖୋଜୁଅଛନ୍ତି ବୋଲି ପ୍ରଶ୍ନ କଲେ । ସେମାନଙ୍କୁ ନିରୁତ୍ସାହ କରିବା ନିମନ୍ତେ ନୁହେଁ, ବରଂ ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ପ୍ରଶ୍ନ କରିଥିଲେ । "ରାବ୍ବୀ, ଆପଣ କେଉଁଠାରେ ରୁହନ୍ତି ?" ତାହାଙ୍କ ଜବାବ ଥିଲା । ରାବ୍ବୀ ଅର୍ଥାତ୍ ଗୁରୁ ବୋଲି ସମ୍ବୋଧନ କରି ରାବ୍ବୀ ଅର୍ଥାତ୍ ଗୁରୁ ବୋଲି ସମ୍ବୋଧନ କରି ସେମାନଙ୍କ ଶିକ୍ଷା କରିବାର ଉଦ୍ଦେଶ୍ୟ ପ୍ରକଟ କରିଥିଲେ । ଆନ୍ଦ୍ରିୟ ଓ ଯୋହନ ଯୀଶୁଙ୍କ ରହିବାର ଠିକଣା ପଚାରିଥିଲେ, କିନ୍ତୁ ଈଶ୍ୱରଙ୍କ ପୁତ୍ର ଯେ କି ସର୍ବବ୍ୟାପୀ ଅଟନ୍ତି ସେ ସେମାନଙ୍କୁ ତତ୍କ୍ଷଣାତ୍ ଆପଣା ନିକଟକୁ ଆହ୍ୱାନ ଜଣାଇଥିଲେ । ସେମାନେ ସେଦିନ ତାହାଙ୍କ ସହିତ ବିତାଇଥିଲେ ।

ଯୀଶୁ ଏକ ପ୍ରେମମୟ ଗୁରୁ ନଥିଲେ, ସେମାନେ ତାହାଙ୍କ ସହିତ କିପରି ଏକ ଦିନ ବିତାଇ ପାରନ୍ତେ ? ଯୀଶୁ ସେମାନଙ୍କ ଜିଜ୍ଞାସାର ଉତ୍ତର ଦେଇଥିଲେ । ଯୀଶୁଙ୍କ ସହିତ ସେମାନେ ସନ୍ତୋଷରେ ସମୟ ବିତାଇଥିଲେ । ଈଶ୍ୱରଙ୍କ ସାନ୍ନିଧ୍ୟରେ, ଆତ୍ମିକ ଲାଭ ପ୍ରାପ୍ତ ହୋଇଥିଲେ । ତାହାଙ୍କୁ ଅବାଶ୍ୟକୀୟ ଆତ୍ମୀୟ ଆହାର ପ୍ରାପ୍ତ ହୋଇଥିଲା, ସେମାନେ ତାହାଙ୍କ ସହିତ ରହି ମଶୀହଙ୍କ ସ୍ପର୍ଶ ପାଇଥିଲେ । ଯୀଶୁଙ୍କ ଶିକ୍ଷା ସେମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲା । ଆନ୍ଦ୍ରିୟ ଆପଣା ଗୃହକୁ ଫେରିଆସି ଆପଣା ଭ୍ରାତା ପିତରଙ୍କୁ କହିଲେ,"ଆମ୍ଭେମାନେ ମଶୀହଙ୍କ ଦେଖା ପାଇଅଛୁ ।" ଅନେକ ଶତାବ୍ଦୀ ଧରି ଇଶ୍ରାଏଲ୍ ଜାତି ମଶୀହଙ୍କ ଆଗମନର ଅପେକ୍ଷାରେ ରହିଅଛନ୍ତି । ଆନ୍ଦ୍ରିୟ ମଶୀହଙ୍କ ଦେଖାପାଇଅଛନ୍ତି ଜାଣି ପିତର ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିବେ । ଆନ୍ଦ୍ରିୟ ମଶୀହଙ୍କ ପରିଚୟ ପାଇ ପ୍ରଥମେ ଆପଣା ଭାଇକୁ ଜଣାଇ ଥିଲେ । ଆମ୍ଭେମାନେ ତାହାଙ୍କ ସଦୃଶ୍ୟ ସର୍ବପ୍ରଥମେ ଆପଣା ପରିବାରବର୍ଗଙ୍କୁ ମଶୀହଙ୍କ ବିଷୟରେ ଜଣାଉ ।

ଆମ୍ଭେ ଯଦି ଖ୍ରୀଷ୍ଟଙ୍କୁ, ତାହାଙ୍କ ପ୍ରେମ ଜ୍ଞାତ ଅଟୁଁ । ଆମ୍ଭମାନଙ୍କୁ ତାହାଙ୍କ ବିଷୟରେ ଜ୍ଞାତ କରାଉ । ଆମ୍ଭେମାନେ ତାହାଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେଉଅଛୁ, ଅନ୍ୟମାନଙ୍କୁ ଆଶୀର୍ବାଦର ପାତ୍ର କରାଉ । ଯଦି ଆମ୍ଭେମାନେ ତାହାଙ୍କ ଉପାସନା କରିବାରେ ଆସକ୍ତ, ଅନ୍ୟମାନଙ୍କୁ ତାହାଙ୍କ ଉପାସନା କରିବାରେ ଉତ୍ସାହିତ କ...

ଯୀଶୁ ସ୍ୱର୍ଗାରୋହଣ କରିବା ପୂର୍ବେ ସେ କଅଣ କରିଥିଲେ ? "......ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି । ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତି ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଉଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।" (ମାଥିଉ ୨୮:୧୮-୨୦) । ସେ ଶିଷ୍ୟମାନଙ୍କୁ କହିଲେ, "ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର, ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧:୧୫-୧୬)

ଆପଣ କି ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣି ସେମାନଙ୍କୁ ଆନନ୍ଦମୟ ଜୀବନ ଓ ଖ୍ରୀଷ୍ଟଙ୍କ ସନ୍ତୋଷ ପାତ୍ର ଇଚ୍ଛୁକ ଅଟନ୍ତି ?

***- K.S. Swamidas***

❋❋❋

Edited & Published by : Kabita & Joshua Gootam

# THE TRANSFIGURATION

Matthew 17 : 19 : 2 Peter 1 : 16-21

INTRODUCTION :

1. Here we have the story of the transfiguration.
2. Jesus was transfigured or changed from flesh to Spirit.
3. Also Moses and Elias appeared in the spirit.
4. All of this was to teach Peter, James, and John a valuable lesson.
5. We may also learn.

DISCUSSION :

**I. The setting : Jesus takes Peter, James, and John with Him.**

1. This must have been special.
   a. All three played a very important role in the early church.
2. They went to a high mountain where they could be to themselves.

**II. A special Act : Jesus was Transfigured.**

1. This was before the disciples.
2. His face shined as the sun.
3. His raiment was white as the light.

**III. Visitors : others appeared.**

1. Moses, to represent the Law.
2. Elias, to represent the Prophets.

**IV. Peter's offer.**

1. He thought it was good to be present.
2. Wanted to make a tabernacle for each one.
3. Wanted to honor each equally.

**V. God Spoke.**

1. A bright cloud over-shadowed them.
2. A voice spoke.
3. "This is my beloved Son, in whom I am well pleased; hear ye him." (Matthew 17 : 5).
4. God made it plain as to who was to be heard.
5. The disciples fell on their faces and were afraid.

**VI. Jesus Speaks.**

1. Touched them and said arise and be not afraid.
2. When they looked up they saw no man, except Jesus.
3. Jesus asked them to tell no man until after his resurrection.

**VII.Lessons.**

1. Jesus was both physical and spiritual.
2. Man never dies

3. God was pleased with his Son and said so.
4. Christ is greater than all others.
5. He wants man to hear Christ.
6. Not to be afraid.

**VIII. Peter's Testimony.**

1. He was greatly impressed by what he saw.
2. He was an eye witness of Christ.
3. Said that God spoke his approval of Christ.
4. Said that Christ should be heard.
5. Spoke from heaven.

**IX. The Lord wants us to be Transfigured or changed.**

1. This can be brought about through obedience to Christ.
2. To change from a bad life to a good life.

**X. The Transfiguration of the last day.**

1. The Bible says we will be changed.
2. We'll be changed from the physical to the spiritual.

CONCLUSION :

1. Let this be a turning point in your life.
2. Hear Christ, obey him, and let him change you for the better.

FROM :

SATYA VANI
P.O.BOX.80,
KAKINADA - 533 001.

PRINTED BOOK ONLY

To

(FOR PRIVATE CIRCULATION ONLY)